ଏହି ପ୍ରଶ୍ନପତ୍ରରେ **13**ଟି ପ୍ରଶ୍ନ ରହିଛି ଏବଂ ଏଥିରେ **6** ପୃଷ୍ଠା ଅଛି।

ରୋଲ ନଂ | | | | | | | | | | | | |

କୋଡ଼ ନଂ : **56/SS/A/OR**

ସେଟ୍ **A**

# ଓଡ଼ିଆ

# (305)

ପରୀକ୍ଷା ଦିନ ଓ ତାରିଖ : ..................................................................................................

ପରୀକ୍ଷକଙ୍କ ଦସ୍ତଖତ : 1. ..............................................................................

2. ..............................................................................

---

**ନିର୍ଦ୍ଦେଶାବଳୀ :**

1. ପରୀକ୍ଷାର୍ଥୀ ନିଜ ରୋଲ ନମ୍ବର (Roll Number) ପ୍ରଶ୍ନପତ୍ର ଉପରେ ଲେଖିବା ଆବଶ୍ୟକ।
2. ପ୍ରଶ୍ନପତ୍ରକୁ ସଠିକ୍ ଭାବେ ନିରୀକ୍ଷଣ କର, ଯେପରି ଏହାର ସମସ୍ତ ପୃଷ୍ଠା, ପ୍ରଶ୍ନ ସଂଖ୍ୟା ସଠିକ୍ ଭାବେ ରହିଅଛି। ଏହା ସହିତ ପ୍ରଶ୍ନ କ୍ରମକୁ ମଧ୍ୟ ସଠିକ୍ ଭାବେ ନିରୀକ୍ଷଣ କର।
3. ପରୀକ୍ଷା ଖାତାରେ ପ୍ରମୁଖ ପୃଷ୍ଠା ବ୍ୟତୀତ ନିଜ ରୋଲ ନମ୍ବର ଅନ୍ୟ କୌଣସି ପୃଷ୍ଠାରେ ଲେଖିବା ମନା।
4. ପ୍ରଶ୍ନ-ଉତ୍ତର ଖାତାରେ ପ୍ରଶ୍ନ କୋଡ଼ ସଂଖ୍ୟା (Paper Code No. 56/SS/A/OR) ଲେଖିବାକୁ ହେବ।

# ଓଡ଼ିଆ

## (305)

ସମୟ : 3 ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : 100

**ନିର୍ଦ୍ଦେଶ : ସମସ୍ତ** ପ୍ରଶ୍ନ ବାଧ୍ୟତାମୂଳକ ଅଟେ ।

**1.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି **ତିନୋଟି**ର ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) _____ ମାନେ ଯେପରି ଦିଶନ୍ତି, ସେପରି ନୁହନ୍ତି ।
(ନାଟକର ଚରିତ୍ର, ସର୍କସର ପଶୁପକ୍ଷୀ, ପାହାଡ଼-ପର୍ବତ, ମରୁଭୂମିର ମରୀଚିକା)

(ଖ) ଅରୁଣ ପିନ୍ଧିଥିଲା _____ ପୋଷାକ ।
(ଏସ୍.ସି.ସି., ସାହେବୀ, ସତ୍ୟାଗ୍ରହୀ)

(ଗ) ଭୂତଙ୍କୁ ଆଖିରେ ଦେଖିଥିବା ବ୍ୟକ୍ତି _____ ଦିଶିବା ସ୍ୱାଭାବିକ ।
(ଭୟଭୀତ, ଅଚେତ, ଗମ୍ଭୀର, ଉତ୍ତେଜିତ)

(ଘ) ସେହିଠାରେ _____ ବିରାଟ ଘାଇ ବଂଧା ଯାଇଛି । (ରସୁଲକୋଣ୍ଡା, ଖଲିକୋଟ, ଗଂଜାମ, ଆସିକା)

(ଙ) ଅଟଲ୍ ପ୍ରଧାନମନ୍ତ୍ରୀ ଥିଲାବେଳେ _____ ଥିଲେ ବିତ୍ତମନ୍ତ୍ରୀ ।
(ଡଲଟନ୍, ଚର୍ଚ୍ଚିଲ, ସିନ୍‌ହ୍ୱେଲ୍)

**2.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି **ତିନୋଟି**ର ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) _____ ଗାଈ ଧରି ଘରକୁ ସଂଧ୍ୟାବେଳେ ଫେରେ ।
(ଗାଇଆଳ, ଶ୍ରମିକ, କୃଷକ)

(ଖ) _____ ରେ ମାଉଁସ ଲାଗିଲେ ଶୁଭ ନୁହେଁ ।
(ଗୋଦର ଗୋଡ଼, ମୁଣ୍ଡ, ହାତ)

(ଗ) ଅଭିଷେକ ପୂର୍ବରୁ ଯୁଧିଷ୍ଠିର _____ ଙ୍କ ପାଖକୁ କୃଷ୍ଣ ସହିତ ଯାଉଥିଲେ ।
(ଦ୍ରୋଣ, କୁନ୍ତୀ, ଧୃତରାଷ୍ଟ୍ର, ଭୀମ)

(ଘ) ଗ୍ରାମ କଡ଼େ କଡ଼େ _____ ଥାଏ । (କ୍ଷେତ, ନଈ, ପର୍ବତ)

(ଙ) _____ ମଧୁର ଓ ଲଳିତ ସ୍ୱର ।
(କୋଇଲି, କୁଆ, ଶୁଆ)

**3.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି **ତିନୋଟି**ର ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ନବଘନ ବାବୁଙ୍କୁ ଛୋଟ ଛୋଟ କଥାରେ _____ ଅପମାନିତ କରନ୍ତି।

(ଜେମା, ହେମ, ବେବୀ, ନେଲି ଅପା)

(ଖ) ନବଘନ ବାବୁ _____ ବିଭାଗର ଜଣେ ପଦସ୍ଥ କର୍ମଚାରୀ।

(ବିକ୍ରି କର, ବାଣିଜ୍ୟ କର, ଟିକସ୍ ବିଭାଗ, ଡାକ୍ତରୀ ବିଭାଗ)

(ଗ) _____ ମାନେ ଏକା ଲାଭର ମଂଜି। (ପ୍ରମୋସନ ପାଇଥିବା କିରାଣୀ, ଅଫିସର, ଯୁବଗୋଷ୍ଠୀ)

(ଘ) ବୁଢ଼ା ବୟସରେ ପ୍ରଭାକର _____ ଦଉଡୁଛନ୍ତି। (ଘରକୁ, ହାଟକୁ, ଚାଷ ଜମିକୁ, ଗାଁର ପାଣି କାଦୁଅକୁ)

(ଙ) ଜୀବନର ପ୍ରତିଟି ମୁହୂର୍ତ୍ତ _____ରେ ଭରା। (ଦୁଃଖ, ସୁଖ, ରୋମାଞ୍ଚ, ବିଷାଦ)

**4.** (କ) ନିମ୍ନଲିଖିତ ଯେକୌଣସି **ଚାରୋଟି** ଶବ୍ଦର ବିପରୀତ ଶବ୍ଦ ଲେଖ : 1×4=4

ଉପକାର, ଆସ୍ତିକ, ବିଷ, କୃତଜ୍ଞ, ଭକ୍ଷକ, ସମୟ, ହାନି।

(ଖ) ନିମ୍ନଲିଖିତ ବିଶେଷ୍ୟ ପଦଗୁଡ଼ିକୁ ବିଶେଷଣରେ ପରିଣତ କର : 1×4=4

ଅଂଶ, କୂଳ, ଅଧିକାର, ସମୁଦ୍ର, ଉତ୍ସାହ, ବିଦେଶ, ପ୍ରଚାର।

(ଗ) ନିମ୍ନଲିଖିତ ଯେକୌଣସି **ଚାରୋଟି** ରୂଢ଼ିର ଅର୍ଥ ଲେଖ : 1×4=4

ନଈ ନ ଦେଖୁଣୁ ନଙ୍ଗଳା ; ଛେନାରୁ ଚୋପା ଛଡ଼ାଇବା ; ତିନି ପାଞ୍ଚିରୁ ଯିବା ; ମୁଣ୍ଡଝାଳ ତୁଣ୍ଡରେ ମାରିବା ; ଚାଲିଲା ଶଗଡ଼ରେ ହାତ ଦେବା ; ଆଖିରେ ଧୂଳି ଦେବା ; ଅରଣ୍ୟ ରୋଦନ।

(ଘ) ନିମ୍ନଲିଖିତ ଯେକୌଣସି **ଚାରୋଟି**ର ଶୁଦ୍ଧ ରୂପ ଲେଖ : 1×4=4

ସଲ୍ଲଜ, ଯାତାୟତ, ନିରୋଗୀ, ଧୂମପାନ, ଭୌଗଳିକ, ହାନୀ, ଗୁଣମନ୍ତ।

**5.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ରାୟ ବାହାଦୁର ରାତି ସାରା ଚେଇଁଲେ କାହିଁକି ?

(ଖ) ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି, ଭାରତର ପବିତ୍ର ଦାବୀ। ଏହା କିଏ କାହାକୁ କହିଛି ?

(ଗ) 'ଜାତିର ଧକ୍କା' ଗଳ୍ପରେ ସମସ୍ତେ ନିଜକୁ କ'ଣ ବୋଲି ପରିଚୟ ଦେଉଥିଲେ ?

(ଘ) ଭାରତର ରାଜନୀତିକ ଗୌରବ କ'ଣ ?

(ଙ) କିଛି ଖେଳାଳୀ କାହାକୁ ସମାନ ଆଖିରେ ଦେଖନ୍ତି ?

(ଚ) ବିଦାୟ ବେଳେ ଅଧ୍ୟକ୍ଷ କ'ଣ କହିଲେ ?

(ଛ) ଗାଁ ବାତାବରଣ କାହା ପାଇଁ ଅନୁକୂଳ ?

**6.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ମାମୁଁଘର କିପରି ଓ କେଉଁଠାରୁ ଦେଖାଯାଏ ?

(ଖ) କିଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ ?

(ଗ) ଯୁଧିଷ୍ଠିରଙ୍କ କେଉଁ କଥା ଶୁଣି ଭୀଷ୍ମ ହସିଲେ ?

(ଘ) କ'ଣ କଲେ ରାଜାଙ୍କୁ ଦୋଷ ଲାଗିବନି ଏବଂ ରାଜ୍ୟରେ ?

(ଙ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି ଓ କାହିଁକି ?

(ଚ) 'ଶେଫାଳୀ ପ୍ରତି' କବିତାରେ ସଂଧ୍ୟା ସମୟରେ କି ପରିବେଶ ସୃଷ୍ଟି ହୋଇଥିଲା ବୋଲି କବି କହିଛନ୍ତି ?

(ଛ) 'ଡାଆଣିଆ ଖରା' କବିତାରେ କବି କାହାକୁ ଦାଣ୍ଡରେ ବସିବାକୁ କହିଛନ୍ତି ?

**7.** ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କ'ଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

(ଖ) ସମସ୍ତେ ତ ଏକା ଲାଉର ମଂଜି କେଉଁମାନେ ?

(ଗ) ଆଜିକାଲି କେଉଁମାନଙ୍କ ଯୋଗୁଁ ସମସ୍ତେ ବାଧ୍ୟ ହୋଇ ନିଜ ନିଜର ସଂବର୍ଦ୍ଧନା ଯୋଗାଡ଼ କରୁଛନ୍ତି ?

(ଘ) 'ହାୟରେ ହତଭାଗୀ ସଭ୍ୟତା'—ଏହା କିଏ କାହାକୁ କହିଛି ?

(ଙ) ଡ୍ରାଇଭର ଆସିଲେ ପ୍ରଥମେ କ'ଣ କରିବାକୁ ହେମାଙ୍ଗିନୀ ଜେମାକୁ ନିର୍ଦ୍ଦେଶ ଦେଲେ ?

(ଚ) ପ୍ରବୀର ଭାଇ ବିଷୟରେ ବେବୀର ମନ୍ତବ୍ୟ କ'ଣ ଥିଲା ?

(ଛ) ଏଗୁଡ଼ାକ ଆଉ ମଣିଷ ହେବେନି ? କିଏ କାହାକୁ କେଉଁ ପ୍ରସଙ୍ଗରେ କହିଛି ?

8. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) 'ଜାତିର ଧକ୍କା' ଗଳ୍ପରୁ ଗାନ୍ଧିଜିଙ୍କ ଆଭିମୁଖ୍ୟ ବିଚାର କର।

(ଖ) ରାୟ ବାହାଦୁରଙ୍କ ଚରିତ୍ର ଚିତ୍ରଣ କର।

(ଗ) ଇଂଲଣ୍ଡ ରହଣି କାଳରେ ଲେଖକଙ୍କର ଅଭିଜ୍ଞତା ବର୍ଣ୍ଣନା କର।

9. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) ଭୀଷ୍ମଙ୍କ ଉପଦେଶଗୁଡ଼ିକରେ କି ମହତ୍ତ୍ୱ ରହିଛି ବିଚାର କର।

(ଖ) ଉତ୍କଳର ଅତୀତ ଗୌରବକୁ କବି କାହିଁକି ସ୍ମରଣ କରିବାକୁ କହିଛନ୍ତି?

(ଗ) 'ଡାଆଣିଆ ଖରା' କବିତାରୁ କବିଙ୍କର ପଲ୍ଲୀ ପ୍ରାଣତାର ପରିଚୟ ଦିଅ।

10. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) ଆଜିର ସମୟରେ ଉଭୟ ଗାଁ ଓ ସହରୀ ଜୀବନରେ ଆସିଥିବା ପରିବର୍ତ୍ତନ ସଂପର୍କରେ ଆଲୋଚନା କର।

(ଖ) 'ସକାଳର ମେଘ' ଏକାଙ୍କିକାରୁ ହେମାଙ୍ଗିନୀର ଚରିତ୍ର ଚିତ୍ରଣ କର।

11. ନିମ୍ନଲିଖିତ ପରିଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଦିଅ :

ପ୍ରାଚୀନ କାଳରୁ ମଣିଷ ବଞ୍ଚିବା ପାଇଁ ସଂଘର୍ଷ କରି ଆସିଛି। ପ୍ରଥମେ ପ୍ରକୃତି ସହିତ ସଂଗ୍ରାମ କରି କେତେକ କ୍ଷେତ୍ରରେ ପ୍ରକୃତିକୁ ଆୟତ୍ତ କରିବାକୁ ସକ୍ଷମ ହୋଇଛି। ପରବର୍ତ୍ତୀ ସମୟରେ ତିଷ୍ଠି ରହିବାକୁ ମଣିଷ ନିଜ ନିଜ ଭିତରେ ସଂଘର୍ଷରେ ଲିପ୍ତ ରହିଛି। ଟିକିଏ ସୂକ୍ଷ୍ମ ଦୃଷ୍ଟିରେ ବିଚାର କଲେ ଏହି ସଂଘର୍ଷ ଓ ପ୍ରତିଷ୍ଠା ଲାଭର ଆକାଂକ୍ଷାରୁ ମାନବ ସଭ୍ୟତାର ସୃଷ୍ଟି ହୋଇଛି। ମଣିଷ ଜାତିର ଇତିହାସରେ ବହୁ ଯୁଦ୍ଧ ବିଜୟର କାହାଣୀ ଲିପିବଦ୍ଧ ହୋଇରହିଛି। କେଉଁଠି ଦୁର୍ବଳ ଉପରେ ସବଳର ଅତ୍ୟାଚାର ତ କେଉଁଠି ରାଜତନ୍ତ୍ର ଉପରେ ଆକ୍ରମଣ, ଆଉ କେଉଁଠି ସାମାଜିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଯୁଦ୍ଧ-ବିଗ୍ରହ ସଂଗଠିତ ହେଉଛି। ଅନେକ କ୍ଷେତ୍ରରେ ଧର୍ମଗତ ମତାନ୍ଧତା ନେଇ ପୃଥିବୀ ଅନେକ ଯୁଦ୍ଧ-ବିଗ୍ରହର ସମ୍ମୁଖୀନ ହୋଇଛି। ସେ ଯାହାହେଉ ମାନବ ସଭ୍ୟତା ପକ୍ଷରେ ଯୁଦ୍ଧ ଯେ ଏକାନ୍ତ କାମ୍ୟ ନୁହେଁ ତାହା ସମଗ୍ର ବିଶ୍ୱ ସ୍ୱୀକାର କରିଛି।

**ପ୍ରଶ୍ନ** :

(କ) ମଣିଷ କାହିଁକି ସଂଘର୍ଷ କରି ଆସିଛି? 2

(ଖ) ମଣିଷ ଜାତିର ଇତିହାସରେ କ'ଣ ଲିପିବଦ୍ଧ ହୋଇଛି? 2

(ଗ) ଦୁର୍ବଳ ଉପରେ କିଏ ଅତ୍ୟାଚାର କରିଛି? 2

(ଘ) ପୃଥିବୀ କାହିଁକି ଯୁଦ୍ଧ-ବିଗ୍ରହର ସମ୍ମୁଖୀନ ହୋଇଛି ? 2

(ଙ) ସମଗ୍ର ବିଶ୍ୱ କ'ଣ ସ୍ୱୀକାର କରିଛି ? 2

(ଚ) ପରିଚ୍ଛେଦର ଏକ ଶିରୋନାମା ଲେଖ । 1

**12.** ନିମ୍ନଲିଖିତ ଯେକୌଣସି **ଗୋଟିକରେ** ପ୍ରବନ୍ଧ ଲେଖ : 8

(କ) କମ୍ପ୍ୟୁଟର

(ଖ) ଉତ୍କଳ ଦିବସ

(ଗ) ବନୀକରଣ

(ଘ) ଛାତ୍ର ଓ ସମାଜ ସେବା

**13.** ପୁଷ୍କରିଣୀ ଖନନ ପାଇଁ ପଞ୍ଚାୟତ ସମିତି ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ । 8

**କିମ୍ବା**

ପରୀକ୍ଷା ପରେ ତୁମେ କିପରି ସମୟ କଟାଇବାକୁ ମନସ୍ଥ କରିଛ ତାହାର ବିବରଣୀ ପ୍ରଦାନ କରି ବଂଧୁଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖ ।

★ ★ ★